# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 17th July - 2026

*******************************************

***Puri/R***

## ପୁରୀ - ରଥଯାତ୍ରା

ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରିଛନ୍ତି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଗହଣରେ ତିନିରଥ ଗଡ଼ିବା ପରେ ଭଗବାନ୍ ଏବଂ ଭକ୍ତଙ୍କ ଅପୂର୍ବ ମିଳନ ହୋଇଛି । ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା । ତେବେ ଗତକାଲି ସନ୍ଧ୍ୟା ହୋଇଯିବାରୁ କୌଣସି ରଥ ଶରଧାବାଲିରେ ପହଞ୍ଚିପାରି ନାହିଁ । ତାଳଧ୍ୱଜ ରଥ ମାର୍କେଟ୍ ଛକ ନିକଟରେ ଥିବାବେଳେ ଦର୍ପଦଳନ ମରିଚି କୋର୍ଟ ଛକ ଏବଂ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଅଳ୍ପକିଛି ବାଟ ଗଡ଼ି ଅଟକି ରହିଛି । ଗତକାଲି ରଥଟଣା ବନ୍ଦ ହେବା ପରେ ବିଧି ଅନୁସାରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ପରେ ସର୍ବାଙ୍ଗ, ବେଶ ଓ ମଧ୍ୟାହ୍ନ ଧୂପ ଆଦି ନୀତି ଅନୁଷ୍ଠିତ ହୋଇଥିଲା । ଆଜି ସକାଳ ସାଢ଼େ ୯ଟାରେ ପୁଣିଥରେ ରଥଟଣା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ରଥଟଣା ସମେତ ରଥଯାତ୍ରା ସହ ଜଡ଼ିତ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇଥିବା

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ରଥଯାତ୍ରା ସମୟରେ ପୃଥକ୍ ପୃଥକ୍ ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ ଜଣ ବ୍ୟକ୍ତି ଅସୁସ୍ଥ ହୋଇଥିବା ନେଇ ସୂଚନା ମିଳିଛି ।

***Cuttack, Deogarh, Kendrapara/R***

## ରଥଟଣା

ରାଜ୍ୟର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

କଟକରେ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ରାଣୀହାଟ ସମେତ ଯୋବ୍ରା, ତୁଳସୀପୁର, ପିଠାପୁର, ମହାନଦୀ ବିହାର ଆଦି ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ଶ୍ରୀବଳଦେବଜିଉଙ୍କ ରଥଟଣାବେଳେ ରଥ ଏକପାଖକୁ ମାଡ଼ିଯିବାରୁ ରଥଟଣା ସ୍ଥଗିତ ରହିଛି । ଆଜି ମଧ୍ୟାହ୍ନ ୧୨ଟା ସମୟରେ ରଥଟଣାଯାଇ ଗୁଣ୍ଡିଚା ମନ୍ଦିର ନିକଟକୁ ନିଆଯିବ ବୋଲି ସ୍ଥିର କରାଯାଇଛି ।

ଦେବଗଡ଼ ସହରର ଶ୍ରୀଜଗନ୍ନାଥ ମନ୍ଦିରରେ ଗତକାଲି ତିନିଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଛି । ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ରଥଟଣା ଅନୁଷ୍ଠିତ ହେବ ।

*Desk*

# ଅମୃତ ଭାରତ ଷ୍ଟେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ପୁନଃ ବିକଶିତ ହୋଇଥିବା ୭୫ଟି ରେଳଷ୍ଟେସନ୍‌କୁ ଲୋକାର୍ପଣ କରିବେ । ଏଥିରେ ଓଡ଼ିଶାର ୭ଟି ରେଳଷ୍ଟେସନ୍  ବଲାଙ୍ଗିର, ବରପାଲି, କେସିଙ୍ଗା, ତାଳଚେର, ବାରିପଦା, ବିମଳଗଡ଼ ଏବଂ ପାରଳାଖେମୁଣ୍ଡି ରହିଛି । ଏହି ୭ଟି ଷ୍ଟେସନପାଇଁ ୧୦୯ କୋଟି ଟଙ୍କା ବ୍ୟୟ ହୋଇଛି । ପ୍ରତ୍ୟେକ ଷ୍ଟେସନ୍‌ରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଓ ଆଦିବାସୀ କଳାକୁ ଚିତ୍ରିତ କରାଯାଇଛି । ପ୍ରଧାନମନ୍ତ୍ରୀ ପଞ୍ଜାବର ଜଳନ୍ଧରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଷ୍ଟେସନ୍‌ଗୁଡ଼ିକର ଉଦ୍‌ଘାଟନ କରିବେ । ସେହିଭଳି ପ୍ରଧାନମନ୍ତ୍ରୀ ଆଜି ହରିୟାଣାର ଜିନ୍ଦ୍-ସୋନିପତ୍ ଷ୍ଟେସନରୁ ଦେଶର ପ୍ରଥମ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ ।

*Desk*

# ନୀଟ - ୟୁ.ଜି. ପରୀକ୍ଷା ଫଳ

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.ଦ୍ୱାରା ପରିଚାଳିତ ନୀଟ୍-ୟୁ.ଜି.-୨୦୨୬ ପୁନଃ ପ୍ରବେଶିକା ଫଳ ପ୍ରକାଶ ପାଇଛି । ପରୀକ୍ଷାରେ ମୋଟ୍ ୧୧ ଲକ୍ଷ ୨୧ ହଜାର ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ୫୮ ପ୍ରତିଶତରୁ ଅଧିକ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷାରେ ପଞ୍ଜାବର

ଆର୍ଯ୍ୟାନ୍ ଗୁପ୍ତା ଏବଂ ହରିୟାଣାର ପଂଶୁଲ୍ ବଂଶଲ୍ ସର୍ବଭାରତୀୟ ସ୍ତରରେ ଯୁଗ୍ମ ଟପ୍ପର ହୋଇଥିବାବେଳେ ଓଡ଼ିଶାରେ ଅମନ କୁମାର ନାୟକ ଶୀର୍ଷସ୍ଥାନ ଅଧିକାର କରିଛନ୍ତି ।

***Desk***

# ଯୁକ୍ତ ଦୁଇ ନାମଲେଖା

ଚଳିତ ଶିକ୍ଷାବର୍ଷପାଇଁ ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୩ ଲକ୍ଷ ୮୨ ହଜାର ୮୩୫ ଜଣ ନାମ ଲେଖାଇଛନ୍ତି । ଆସନ୍ତା ୨୩ ତାରିଖରେ ନାମଲେଖାପାଇଁ ଦ୍ୱିତୀୟ ମେଧାତାଲିକା ପ୍ରକାଶ ପାଇବ ।

***Kendrapara/R***

# ବିଶ୍ୱ ଜନସ୍ୱାସ୍ଥ୍ୟ ଦିବସ

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାଧ୍ୟମରେ ଜିଲ୍ଲାସ୍ତରୀୟ ବିଶ୍ୱ ଜନସ୍ୱାସ୍ଥ୍ୟ ଦିବସ ସ୍ଥାନୀୟ ପୁରୁଣା ମେଡିକାଲସ୍ଥିତ ତାଲିମ ଗୃହରେ ଅନୁଷ୍ଠିତ ହୋଇଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ୭ଟି ଚିକିତ୍ସାଳୟକୁ ମାନପତ୍ର ପ୍ରଦାନ କରାଯାଇଥିଲା ।

***Bhadrak/R***

# ଚକ୍ରଧର ବେହେରା ଜୟନ୍ତୀ

କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଭଦ୍ରକରେ ପାଳିତ ହୋଇଯାଇଛି । ସଂସ୍କୃତି ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିପ୍ଳବୀ ଚକ୍ରଧରଙ୍କ ସ୍ମୃତିଚାରଣ କରିଥିଲେ ।

***Desk***

# ନ୍ୟାୟ ଦିବସ

ସମସ୍ତଙ୍କ ପାଖରେ ନ୍ୟାୟର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ନେଇ ଆଜି ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଉଛି।  ସମସ୍ତଙ୍କ ପାଇଁ ନ୍ୟାୟ, ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ନ୍ୟାୟ ଦିବସର ବିଷୟବସ୍ତୁ ରହିଛି **"ସାରା ବିଶ୍ୱରେ ନ୍ୟାୟ, ଉତ୍ତରଦାୟିତ୍ୱ ଓ ମାନବାଧିକାରର ପ୍ରସାର"** ।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୬ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

*****